# REGIONAL NEWS UNIT, AIR CUTTACK

## Evening Bulletin (6.45 PM)

### 11 December – 2025

************************************

## ମୁଖ୍ୟ ସମ୍ବାଦ

- ରାଜ୍ୟରେ ଆଗାମୀ ୫ ବର୍ଷରେ ଖାଲି ପଡ଼ିଥିବା ଦେଢ଼ ଲକ୍ଷ ପଦବୀ ପୂରଣ କରାଯିବ; କହିଲେ ମୁଖ୍ୟମନ୍ତ୍ରୀ

– ଜଳସେଚନର ଭିତ୍ତିଭୂମିକୁ ସୁଦୃଢ଼ କରିବା ପାଇଁ ମୁଖ୍ୟମନ୍ତ୍ରୀ ଆଡ଼ିବନ୍ଧ ତିଆରି ଯୋଜନା-୩.୦ର କଲେ ଲୋକାର୍ପଣ

- ଜମି ଜବରଦଖଲକାରୀଙ୍କଠାରୁ ଉଚ୍ଛେଦ ଖର୍ଚ୍ଚ ଆଦାୟ କରିବେ ରାଜ୍ୟ ସରକାର

- ପୂର୍ବ ଭାରତରେ ତଦାରଖ ବିକେନ୍ଦ୍ରୀକରଣ ଏବଂ ଅଡିଟ୍ ପ୍ରଶାସନକୁ ସୁଦୃଢ଼ କରିବା ପାଇଁ ଭୁବନେଶ୍ୱରରେ ଖୋଲିବ ସି.ଏ.ଜି.ର ପୂର୍ବାଞ୍ଚଳ ଶାଖା

ଏବଂ

- ସାଇବର ଅପରାଧକୁ ରୋକିବା ପାଇଁ କେନ୍ଦୁଝରର ପୁଲିସ ପକ୍ଷରୁ ୪ଟି ଆପ୍‌ର ଶୁଭାରମ୍ଭ

BBSR/R

# ନିଯୁକ୍ତିମେଳା

ରାଜ୍ୟରେ ଆଗାମୀ ୫ ବର୍ଷରେ ଖାଲି ପଡ଼ିଥିବା ସମସ୍ତ ଦେଢ଼ ଲକ୍ଷ ପଦବୀ ପୂରଣ କରାଯିବ ବୋଲି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ କହିଛନ୍ତି । ଭୁବନେଶ୍ୱର ଓ.ୟୁ.ଏ.ଟି.ସ୍ଥିତ କୃଷି ଶିକ୍ଷା ସଦନଠାରେ ତିନୋଟି ବିଭାଗର ୫୯୧ ଜଣଙ୍କୁ ନିଯୁକ୍ତିପତ୍ର ପ୍ରଦାନ ଅବସରରେ ମୁଖ୍ୟମନ୍ତ୍ରୀ କହିଛନ୍ତି, ନୂଆ ସରକାରର ୧୮ ମାସରେ ୩୭ ହଜାର ୯୧୬ ଜଣଙ୍କୁ ନିଯୁକ୍ତି ପ୍ରଦାନ କରାଯାଇଛି । ଯୁବଶକ୍ତି ହିଁ ସମୃଦ୍ଧ ଓଡ଼ିଶାର ନେତୃତ୍ୱ ନେବେ । ଆସନ୍ତା ୨୦୩୬ ମସିହା ସୁଦ୍ଧା ସମୃଦ୍ଧ ଓଡ଼ିଶା ଏବଂ ୨୦୪୭ ମସିହା ସୁଦ୍ଧା ବିକଶିତ ଭାରତ ଗଠନ ପାଇଁ ମାନବ ସମ୍ବଳର ଆବଶ୍ୟକତା ରହିଛି । ପୂର୍ବ ଭାରତ ବିକାଶର କେନ୍ଦ୍ର ବିନ୍ଦୁ ଓଡ଼ିଶା ହେବ ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି ।

ଏହି ଅବସରରେ 'ମୁଖ୍ୟମନ୍ତ୍ରୀ ଆଡ଼ିବନ୍ଧ ତିଆରି ଯୋଜନା-୩.୦' ଲୋକାର୍ପିତ ହୋଇଯାଇଛି । ଯୋଜନାରେ ଆସନ୍ତା ୫ ବର୍ଷ ମଧ୍ୟରେ ୩ ହଜାର ନୂଆ ଚେକ୍ ଡ୍ୟାମ୍ ଓ ୨ ହଜାର ପୁରୁଣା ଚେକ୍ ଡ୍ୟାମର ପୁନରୁଦ୍ଧାର କରାଯିବ । ଏଥିସହ ୨ ହଜାର ୪୮୮ କୋଟି ଟଙ୍କାର ଜଳସେଚନ ପ୍ରକଳ୍ପ ଆରମ୍ଭ ହେବ । ଜଳସେଚନର ଭିତ୍ତିଭୂମିକୁ ସୁଦୃଢ଼ କରି କୃଷକଙ୍କର ଉତ୍ପାଦନ ଓ ଉତ୍ପାଦକତା ବୃଦ୍ଧି କରିବା ସରକାରଙ୍କ ଲକ୍ଷ୍ୟ ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି ।

- V/O -

ଆଗାମୀ ଦିନରେ ରାଜ୍ୟର ଭିତ୍ତିଭୂମି ନିର୍ମାଣ କ୍ଷେତ୍ରରେ ବ୍ୟାପକ ଉନ୍ନତି ଲକ୍ଷ୍ୟ କରାଯିବ। ଚଳିତ ବଜେଟ୍‌ରେ ୬୫ ହଜାର କୋଟି ଟଙ୍କାରୁ ଊର୍ଦ୍ଧ୍ୱ ବ୍ୟୟବରାଦ କରାଯାଇଛି। କାର୍ଯ୍ୟକ୍ରମରେ ଗୃହ ଓ ନଗର ଉନ୍ନୟନ ମନ୍ତ୍ରୀ ଡକ୍ଟର କୃଷ୍ଣଚନ୍ଦ୍ର ମହାପାତ୍ର, ଆଇନମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନ, ଉନ୍ନୟନ କମିଶନର ଅନୁ ଗର୍ଗ ପ୍ରମୁଖ ଉପସ୍ଥିତ ଥିଲେ।

BBSR/R

## 'ଉତ୍ତମ ବିଶ୍ୱ, ଉଜ୍ଜ୍ୱଳ ଭବିଷ୍ୟତ' ଆଲୋଚନାଚକ୍ର

ଜୀବନର ଉନ୍ନତି ପାଇଁ ପ୍ରଯୁକ୍ତିବିଦ୍ୟାର ଶକ୍ତି ଅପରିହାର୍ଯ୍ୟ ବୋଲି ରାଜ୍ୟପାଳ ଡକ୍ଟର ହରିବାବୁ କମ୍ଭମପାଟି କହିଛନ୍ତି। ଭୁବନେଶ୍ୱର ଟ୍ରିପିଲ ଆଇ.ଟି.ରେ ଆୟୋଜିତ ଇଣ୍ଡିଆ ଜିଓ ସାଇନ୍ସ ଆଣ୍ଡ ରିମୋଟ୍ ସେନସିଂ କର୍ମଶାଳାରେ 'ଉତ୍ତମ ବିଶ୍ୱ, ଉଜ୍ଜ୍ୱଳ ଭବିଷ୍ୟତ' ଶୀର୍ଷକ ଆଲୋଚନାଚକ୍ରରେ ଭାଗ ନେଇ ରାଜ୍ୟପାଳ କହିଛନ୍ତି, ପ୍ରଯୁକ୍ତିବିଦ୍ୟା ସର୍ବଦା ମାନବକଲ୍ୟାଣର ମୂଳରେ ରହିବା ଉଚିତ। ବନ୍ୟା ପ୍ରଭାବିତ ଗ୍ରାମଗୁଡ଼ିର ସୁରକ୍ଷା, ଫସଲ ଅମଳକୁ ସୁରକ୍ଷିତ କରିବା ଓ ସହରଗୁଡ଼ିକରେ ସ୍ୱଚ୍ଛ ବାୟୁ ଉପଲବ୍ଧ କରାଇବା ପାଇଁ ପ୍ରଯୁକ୍ତିବିଦ୍ୟା ପ୍ରୟୋଗ କରି ମାନବ ଜୀବନକୁ ସହଜ କରାଯାଇପାରିବ। ରାଜ୍ୟପାଳ କହିଛନ୍ତି, ନବସୃଜନ ନିରନ୍ତର ଭାବେ ଜନକଲ୍ୟାଣକାରୀ ହେବା ଆବଶ୍ୟକ। ବିପର୍ଯ୍ୟୟ ପ୍ରଶମନ କ୍ଷେତ୍ରରେ ରାଜ୍ୟ ଉଲ୍ଲେଖନୀୟ ଅଗ୍ରଗତି କରିବା ସହ ବିଶ୍ୱସ୍ତରୀୟ ସ୍ୱୀକୃତି ହାସଲ କରିପାରିଛି। ସାଟେଲାଇଟ୍ ତଥ୍ୟ, ରାଡାର ଇମେଜିଂ ଏବଂ ଭୂବିଜ୍ଞାନ ବିଶ୍ଳେଷଣ ଦ୍ୱାରା ରାଜ୍ୟରେ ପ୍ରାକୃତିକ ବିପର୍ଯ୍ୟୟ ସମୟରେ

ପ୍ରାକ୍ ସୂଚନା ବ୍ୟବସ୍ଥାକୁ ସୁଦୃଢ଼ କରାଯାଇପାରିଛି । କାର୍ଯ୍ୟକ୍ରମରେ ରାଜ୍ୟପାଳ କୃତ୍ରିମ ବୁଦ୍ଧିମତାର ବର୍ଦ୍ଧିତ ଗୁରୁତ୍ୱ ଉପରେ ଆଲୋକପାତ କରିଥିଲେ ।

BBSR/R

## ନାଗରିକତା ପ୍ରମାଣପତ୍ର

ଓଡ଼ିଶା ଜନଗଣନା ନିର୍ଦ୍ଦେଶାଳୟ ଓ ଗୃହ ମନ୍ତ୍ରଣାଳୟ ପକ୍ଷରୁ ଭୁବନେଶ୍ୱର କୃଷି ଭବନଠାରେ ନାଗରିକତା ସଂଶୋଧନ ଆଇନ୍-୨୦୧୯ ଅନୁଯାୟୀ ନାଗରିକତା ପ୍ରମାଣପତ୍ର ଉତ୍ସବ ଆୟୋଜିତ ହୋଇଯାଇଛି । କାର୍ଯ୍ୟକ୍ରମରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ, ମନ୍ତ୍ରୀ ସୁରେଶ ପୂଜାରୀ ଓ ପୃଥ୍ୱୀରାଜ ହରିଚନ୍ଦନ ଯୋଗଦେଇ ୩୨ ଜଣ ଆବେଦନକାରୀଙ୍କୁ ନାଗରିକତା ପ୍ରମାଣପତ୍ର ପ୍ରଦାନ କରିଥିଲେ ।

BBSR/R

## ଉପମୁଖ୍ୟମନ୍ତ୍ରୀ- ମିଶନ ଶକ୍ତି

ରାଜ୍ୟରେ ୧ ଲକ୍ଷ ୬୭ ହଜାର ସ୍ୱୟଂସହାୟକ ଗୋଷ୍ଠୀ–ଏସ୍.ଏସ୍.ଜି.ଙ୍କୁ ଚଳିତ ଆର୍ଥିକ ବର୍ଷ ପାଇଁ ୧୦ ଲକ୍ଷ ୧୮୪ କୋଟି ଟଙ୍କା ପ୍ରଦାନ କରାଯାଇଛି । ଭୁବନେଶ୍ୱର ଲୋକସେବା ଭବନରେ ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡ଼ାଙ୍କ ଅଧ୍ୟକ୍ଷତାରେ ମିଶନ ଶକ୍ତି ବିଭାଗର କ୍ଷେତ୍ର ଅଧିକାରୀ ଓ ଜିଲ୍ଲା ପ୍ରକଳ୍ପ ସଂଯୋଜକମାନଙ୍କ କାର୍ଯ୍ୟକାରିତା ଉପରେ ଆଜି ଅନୁଷ୍ଠିତ ସମୀକ୍ଷା ବୈଠକରୁ ଏହା ଜଣାପଡ଼ିଛି । ଏସ୍.ଏସ୍.ଜି. ମହିଳାମାନଙ୍କ ଦ୍ୱାରା ଗତବର୍ଷ ତୁଳନାରେ ବ୍ୟାଙ୍କ ଋଣ ପରିଶୋଧ ଅଧିକ ସଂଖ୍ୟାରେ ହୋଇଛି ବୋଲି ବିଭାଗ ପକ୍ଷରୁ

କୁହାଯାଇଛି । ବୈଠକରେ କ୍ଷେତ୍ରସ୍ତରୀୟ ବିଭିନ୍ନ ଆର୍ଥିକ କାର୍ଯ୍ୟକଳାପ, ବ୍ୟାଙ୍କ ସମ୍ବନ୍ଧୀୟ ବିଭିନ୍ନ ସମସ୍ୟା ସମ୍ପର୍କରେ ଆଲୋଚନା କରାଯାଇଥିଲା । ଉପମୁଖ୍ୟମନ୍ତ୍ରୀ ସ୍ୱୟଂସହାୟକ ଗୋଷ୍ଠୀଙ୍କ କାର୍ଯ୍ୟ ଓ ଉତ୍ପାଦଗୁଡ଼ିକର ଗୁଣବତ୍ତାକୁ ଧ୍ୟାନ ଦେବା ପାଇଁ ବିଭାଗୀୟ ଅଧିକାରୀଙ୍କୁ ନିର୍ଦ୍ଦେଶ ଦେଇଛନ୍ତି । ଆଗାମୀ ଦିନରେ ସମସ୍ତ ଜିଲ୍ଲାରେ ଜିଲ୍ଲାସ୍ତରୀୟ ସୁଭଦ୍ରା ଶକ୍ତି ମେଳା ଆୟୋଜନ କରାଯିବ ବୋଲି ବୈଠକରେ ନିଷ୍ପତ୍ତି ହୋଇଛି ।

HS

## ଜବରଦଖଲକାରୀ ଉଚ୍ଛେଦ

ରାଜ୍ୟରେ ଜମି ଜବରଦଖଲକାରୀଙ୍କଠାରୁ ଉଚ୍ଛେଦ ଖର୍ଚ୍ଚ ସରକାର ଆଦାୟ କରିବେ । ଜବରଦଖଲକାରୀଙ୍କ ଡାଟାବେସ୍ ପ୍ରସ୍ତୁତ ପାଇଁ ତହସିଲଦାରମାନଙ୍କୁ ନିର୍ଦ୍ଦେଶ ଦିଆଯାଇଛି ବୋଲି ରାଜସ୍ୱ ମନ୍ତ୍ରୀ ସୁରେଶ ପୂଜାରୀ କହିଛନ୍ତି । ଜମି ଜବରଦଖଲ  କରିଥିବା ଭୂମିହୀନ ବ୍ୟକ୍ତିଙ୍କୁ ସରକାର ସରକାର ୪ ଡିସିମିଲ୍ ଜମି ଯୋଗାଇ ଦେବେ । ତେବେ ଜମି ସନ୍ତୁଳନ ରକ୍ଷା କରିବାରେ ପ୍ରତିବନ୍ଧକ ସୃଷ୍ଟି କରୁଥିବା ବ୍ୟକ୍ତି ବିଶେଷଙ୍କ ଉପରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ଶ୍ରୀ ପୂଜାରୀ କହିଛନ୍ତି ।

HS

## ମହାନଦୀ ଜଳ ବିବାଦ କମିଟି

ମହାନଦୀ ଜଳ ବିବାଦକୁ ନେଇ ଗଠିତ ଉଚ୍ଚସ୍ତରୀୟ କମିଟିର ବୈଠକ ଖୁବ୍‌ଶୀଘ୍ର ବସିବ ବୋଲି ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ମନ୍ତ୍ରୀ ସୁରେଶ ପୂଜାରୀ କହିଛନ୍ତି । ଏଥିପାଇଁ ସମସ୍ତ ତଥ୍ୟ ପ୍ରସ୍ତୁତ କରିବାକୁ

ଜଳସମ୍ପଦ ବିଭାଗକୁ ନିର୍ଦ୍ଦେଶ ଦିଆଯାଇଛି । ବିଭାଗ ସମସ୍ତ ବୈଷୟିକ ଦିଗ ଉପରେ ରିପୋର୍ଟ ପ୍ରଦାନ କରିବ । କେନ୍ଦ୍ର ଓ ଛତିଶଗଡ଼ ସରକାରଙ୍କ ଆପୋଷ ଆଲୋଚନା ମାଧ୍ୟମରେ ସମାଧାନ କରିବାକୁ ଏହି କମିଟି କାମ କରିବ ବୋଲି ଶ୍ରୀ ପୂଜାରୀ କହିଛନ୍ତି ।

HS

## ଦାଦନ ମୁକ୍ତ ରାଜ୍ୟ

ରାଜ୍ୟକୁ ଦାଦନ ମୁକ୍ତ କରିବା ପାଇଁ ସରକାର ଗୁରୁତର ସହ କାର୍ଯ୍ୟ କରୁଛନ୍ତି ବୋଲି ପଞ୍ଚାୟତିରାଜ ମନ୍ତ୍ରୀ ରବି ନାରାୟଣ ନାୟକ କହିଛନ୍ତି । ଦାଦନ ସମସ୍ୟା ଦୂର ପାଇଁ ସରକାରଙ୍କ ବିଭିନ୍ନ ଯୋଜନା ବିଷୟରେ ଲୋକଙ୍କୁ ଅବଗତ କରାଇବା ନେଇ ଅଧିକାରୀମାନଙ୍କୁ ତୃଣମୂଳସ୍ତରକୁ ଗସ୍ତ କରିବା ପାଇଁ ନିର୍ଦ୍ଦେଶ ଦିଆଯାଇଛି ମନ୍ତ୍ରୀ ଶ୍ରୀ ନାୟକ କହିଛନ୍ତି ।

BBSR/R

## ସି.ଏ.ଜି.ର ପୂର୍ବାଞ୍ଚଳ ଶାଖା

ପୂର୍ବ ଭାରତରେ ତଦାରଖ ବିକେନ୍ଦ୍ରୀକରଣ ଏବଂ ଅଡିଟ୍ ପ୍ରଶାସନକୁ ସୁଦୃଢ଼ କରିବା ଦିଗରେ ଭାରତର ନିୟନ୍ତ୍ରକ ତଥା ମହାଲେଖା ପରୀକ୍ଷକ– ସି.ଏ.ଜି.ର ପୂର୍ବାଞ୍ଚଳ ଶାଖା ଭୁବନେଶ୍ୱରରେ ଖୋଲିବ । ଆସନ୍ତା ବର୍ଷ ଏପ୍ରିଲ ମାସ ୧୫ ତାରିଖରୁ ଏହି ନୂତନ ଶାଖାରେ କାର୍ଯ୍ୟ ଆରମ୍ଭ କରାଯିବ ବୋଲି ସି.ଏ.ଜି. ପକ୍ଷରୁ ଅନୁମୋଦନ ପ୍ରଦାନ କରାଯାଇଛି । ପୂର୍ବାଞ୍ଚଳ ମୁଖ୍ୟାଳୟ ଉପନିୟନ୍ତ୍ରକ ଏବଂ ଅଡିଟର ଜେନେରାଲ ତଥା ଅତିରିକ୍ତ ଉପନିୟନ୍ତ୍ରକ ଏବଂ ଅଡିଟର ଜେନେରାଲ ଅଧୀନରେ ଏହା କାର୍ଯ୍ୟ କରିବ । ଦିଲ୍ଲୀ ସିଏଜି ମୁଖ୍ୟାଳୟ କାର୍ଯ୍ୟାଳୟରେ କାର୍ଯ୍ୟ କରୁଥିବା

ପୂର୍ବାଞ୍ଚଳ ଶାଖାର ସମସ୍ତ କାର୍ଯ୍ୟ ଭୁବନେଶ୍ୱର ପୂର୍ବାଞ୍ଚଳ ଶାଖାରେ ସମ୍ପାଦିତ ହେବ। ନୂତନ ମୁଖ୍ୟାଳୟ ବିହାର, ଝାଡ଼ଖଣ୍ଡ, ଓଡ଼ିଶା ଏବଂ ପଶ୍ଚିମବଙ୍ଗର ଅଡିଟ୍ କାର୍ଯ୍ୟାଳୟଗୁଡ଼ିକୁ ତଦାରଖ କରିବ।

Dhenkanal

## ବିଜ୍ଞାନ ପ୍ରଦର୍ଶନୀ

ଢେଙ୍କାନାଳ ଜିଲ୍ଲା ବାରୋଦାସ୍ଥିତ ଏକ ବିଦ୍ୟାଳୟରେ ଦୁଇଦିନିଆ ବିଜ୍ଞାନ ପ୍ରଦର୍ଶନୀକୁ ଖାଦ୍ୟ ଯୋଗାଣ ଓ ଖାଉଟି କଲ୍ୟାଣ ଏବଂ ବିଜ୍ଞାନ ପ୍ରଯୁକ୍ତିବିଦ୍ୟା ମନ୍ତ୍ରୀ କୃଷ୍ଣଚନ୍ଦ୍ର ପାତ୍ର ଉଦ୍‌ଘାଟନ କରିଛନ୍ତି। ବିଜ୍ଞାନର ଅଗ୍ରଗତି ବିକାଶର ମୂଳମନ୍ତ୍ର। ଆବିଷ୍କାର କ୍ଷେତ୍ରରେ ନିଜକୁ ଦୃଢ଼ ମନେ କରିବା ଉଚିତ ବୋଲି ମନ୍ତ୍ରୀ ଶ୍ରୀ ପାତ୍ର କହିଛନ୍ତି।  ଭାରତର ବୈଜ୍ଞାନିକ ଦେଶର ଶ୍ରେଷ୍ଠ ବୈଜ୍ଞାନିକ ଭାବେ ନିଜକୁ ପ୍ରତିପାଦିତ କରିପାରିଛନ୍ତି। ଛାତ୍ରଛାତ୍ରୀମାନେ ବିଜ୍ଞାନ ପ୍ରତି ଆକର୍ଷିତ ହୋଇ ନୂତନ ଉଦ୍ଭାବନ କରିବା ପାଇଁ ମନ୍ତ୍ରୀ ପରାମର୍ଶ ଦେଇଛନ୍ତି। ଏହି ପ୍ରଦର୍ଶନୀରେ ବିଭିନ୍ନ ବିଦ୍ୟାଳୟର ୧୬୦ଟି ପ୍ରକଳ୍ପ ପ୍ରଦର୍ଶିତ ହୋଇଥିଲା।

Keonjhar/R/V/

## ସାଇବର ସୁରକ୍ଷା ଆପ୍

ରାଜ୍ୟରେ ପ୍ରଥମଥର ପାଇଁ କେନ୍ଦୁଝର ପୁଲିସ ପକ୍ଷରୁ ସାଇବର ଅପରାଧକୁ ରୋକିବା ପାଇଁ ୪ଟି ଆପ୍‌ର ଶୁଭାରମ୍ଭ କରାଯାଇଛି। ଆପ୍‌ଗୁଡ଼ିକ ହେଲା– ଅନୁସନ୍ଧାନ ପୋର୍ଟାଲ, ପ୍ରୋଜେକ୍ଟ ରାକ୍ଷୀ, ଇ-ବିଟ୍ ଓ ଇ-ଡ୍ୟୁଟି ବଣ୍ଟନ। ଜିଲ୍ଲା ଅଡିଟୋରିୟମ୍‌ଠାରେ ସାଇବର ସଚେତନତାର ଉଦ୍‌ଯାପନୀ ଦିବସରେ ପଶ୍ଚିମାଞ୍ଚଳ ଡି.ଆଇ.ଜି. ବ୍ରିଜେଶ ରାୟ,

ଜିଲ୍ଲାପାଳ ଓ ଆରକ୍ଷୀ ଅଧୀକ୍ଷକ ଯୋଗଦେଇ ସାଇବର ସୁରକ୍ଷା ସମ୍ପର୍କିତ ବିଭିନ୍ନ ଦିଗ ଉପରେ ଆଲୋଚନା କରିଥିଲେ। ଜିଲ୍ଲାରେ ମାସେବ୍ୟାପୀ ଅନୁଷ୍ଠିତ ସାଇବର ସଚେତନତା କାର୍ଯ୍ୟକ୍ରମରେ ୧ ଲକ୍ଷରୁ ଉର୍ଦ୍ଧ୍ୱ ଲୋକଙ୍କୁ ସାମିଲ କରାଯାଇଥିଲା। ଯେକୌଣସି ସମସ୍ୟା ସମ୍ପର୍କରେ ଅଭିଯୋଗ କରି ତାହାର ଅଗ୍ରଗତି ଜାଣିବା ପାଇଁ  ଏହି ଆପ୍ ସହାୟକ ହେବ। ଆପ୍' ସମ୍ପର୍କରେ ପଶ୍ଚିମାଞ୍ଚଳ ଡି.ଆଇ.ଜି. ବ୍ରିଜେଶ ରାୟ କହିଛନ୍ତି...

**- V/O -**

Nayagarh

## ପ୍ରଧାନମନ୍ତ୍ରୀ ସୂର୍ଯ୍ୟଘର ଯୋଜନା

ନୟାଗଡ଼ ଜିଲ୍ଲା ଦଶପଲ୍ଲା ବ୍ଲକର ବାଣିଗୋଛା ଗ୍ରାମ ପଞ୍ଚାୟତ ସଭାଗୃହରେ ପ୍ରଧାନମନ୍ତ୍ରୀ ସୂର୍ଯ୍ୟଘର ଯୋଜନା ସମ୍ପର୍କିତ ସଚେତନତା ଶିବିର ଅନୁଷ୍ଠିତ ହୋଇଯାଇଛି।  ଶିବିରରେ ପ୍ରଧାନମନ୍ତ୍ରୀ ସୂର୍ଯ୍ୟଘର ଯୋଜନାର ଆବଶ୍ୟକତା ସମ୍ପର୍କରେ ଆଲୋଚନା କରାଯାଇଥିଲା। କାର୍ଯ୍ୟକ୍ରମରେ ସି.ଆର୍.ପି.,ଏମ୍.ବି.କେ, ଆଶା ଓ ଅଙ୍ଗନବାଡ଼ି କର୍ମୀଙ୍କ ସମେତ ବିଭିନ୍ନ ଗ୍ରାମର ଜନସାଧାରଣ ଯୋଗ ଦେଇଥିଲେ।

Deogarh

## ରାଜସ୍ୱ ସମୀକ୍ଷା ବୈଠକ

ଦେବଗଡ଼ ଜିଲ୍ଲାପାଳଙ୍କ ସମ୍ମିଳନୀ କକ୍ଷରେ ଜିଲ୍ଲାସ୍ତରୀୟ ରାଜସ୍ୱ ସମୀକ୍ଷା ବୈଠକ ଜିଲ୍ଲାପାଳ କବୀନ୍ଦ୍ର କୁମାର ସାହୁଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଛି। ଗତ ମାସରେ ଧାର୍ଯ୍ୟ ଥିବା ଭୂ-ରାଜସ୍ୱ, ରୟାଲିଟି, ଜଳକର

ଇତ୍ୟାଦି ସମ୍ପର୍କରେ ଜିଲ୍ଲାସ୍ତରୀୟ ଅଧିକାରୀମାନଙ୍କ ସହ ଆଲୋଚନା କରିଥିଲେ।

Desk

## ପାଣିପାଗ

ଉତ୍ତର-ପଶ୍ଚିମ ଦିଗରୁ ଥଣ୍ଡା ଶୁଷ୍କ ବାୟୁ ପ୍ରବାହିତ ହେଉଥିବାରୁ ରାଜ୍ୟରେ ଶୀତର ଲହରି ଜାରି ରହିଛି । ଭୁବନେଶ୍ୱର ଆଞ୍ଚଳିକ ପାଣିପାଗ ବିଜ୍ଞାନ କେନ୍ଦ୍ରର ସୂଚନା ଅନୁସାରେ, ଆସନ୍ତା ୨୪ ଘଣ୍ଟା ମଧ୍ୟରେ ଶୀତର ଲହରି ବୃଦ୍ଧି ପାଇବା ନେଇ ସୁନ୍ଦରଗଡ଼, ଝାରସୁଗୁଡ଼ା, ଅନୁଗୁଳ, କେନ୍ଦ୍ରପଡ଼ା, ଜଗତସିଂହପୁର, ଖୋର୍ଦ୍ଧା, ଢେଙ୍କାନାଳ, କନ୍ଧମାଳ ଓ କଳାହାଣ୍ଡି ଜିଲ୍ଲାକୁ ସତର୍କ ସୂଚନା ଜାରି କରାଯାଇଛି ।